# NATIONAL NEWS BULLETIN (ODIA)

## 18 February - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା, ଯୋଗାଯୋଗ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ପର୍କିତ ସହଯୋଗ ସୁଦୃଢ଼ ନେଇ ବିଭିନ୍ନ ରାଷ୍ଟ୍ର ମୁଖ୍ୟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ଆଲୋଚନା ।
- ଇଞ୍ଜିନିୟରିଂ ନିର୍ମାଣ ପ୍ରଯୁକ୍ତିବିଦ୍ୟା ତ୍ୱରାନ୍ୱିତ ଦିଗରେ କୃତ୍ରିମ ବୁଦ୍ଧିମତା ପ୍ରୟୋଗ' ସହାୟକ ହେବ, କହିଲେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।
- ନୂଆଦିଲ୍ଲୀ ଏମସ୍‌ରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ଭାରତ-ଫ୍ରାନ୍ସ କ୍ୟାମ୍ପସ୍ ଉଦ୍‌ଘାଟିତ ।
- ଚୀନ୍‌ର ଏକ ବାଣ ଦୋକାନରେ ବିସ୍ଫୋରଣ ଘଟି ୧୨ ଜଣଙ୍କ ମୃତ୍ୟୁ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍‌ରେ ଭାରତ ଓ ନେଦରଲ୍ୟାଣ୍ଡସ୍ ମଧ୍ୟରେ ମ୍ୟାଚ୍ ଜାରି ।

# ପିଏମ୍-ବାଇଲେଟେରାଲ୍ସ

ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ ଆଲୋଚନା କରିଛନ୍ତି। ହାଇଦ୍ରାବାଦ ହାଉସ୍‌ଠାରେ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍‌ଙ୍କ ସହ ହୋଇଥିବା ଆଲୋଚନାରେ ଉଭୟ ନେତା ଦ୍ୱିପାକ୍ଷିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ବାଣିଜ୍ୟ ଏବଂ ଅର୍ଥନୀତି, ଡିଜିଟାଲ, ନବସୃଜନ, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ ଶିକ୍ଷା ଆଦି ପ୍ରସଙ୍ଗରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଭାରତ-ୟୁରୋପୀୟ ସଂଘ ସଂପର୍କକୁ ସୁଦୃଢ଼ କରିବାରେ ସ୍ପେନ୍‌ର ନିରନ୍ତର ସମର୍ଥନ ପାଇଁ ଶ୍ରୀ ମୋଦୀ କୃତଜ୍ଞତା ପ୍ରକାଶ କରିଛନ୍ତି ।

ଭାରତ ଏବଂ ସ୍ପେନ୍ ୨୦୨୬କୁ ସଂସ୍କୃତି, ପର୍ଯ୍ୟଟନ ଏବଂ କୃତ୍ରିମ ବୁଦ୍ଧିମତାର ବର୍ଷ ଭାବେ ପ୍ରସ୍ତୁତ କରୁଛନ୍ତି । ଏହା ଫଳରେ ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି । ସ୍ପେନ୍ ପକ୍ଷରୁ ବିଶ୍ୱ ବିଦ୍ୟାଳୟଗୁଡ଼ିକର ଏକ ବୃହତ ପ୍ରତିନିଧି

ଦଳ ସମ୍ମିଳନୀରେ ଅଂଶଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି ।

ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କ ଫିନ୍‌ଲାଣ୍ଡ ପ୍ରତିପକ୍ଷ ଆନ୍ତି ପେଟେରି ଓର୍ପୋଙ୍କ ସହ ଆଲୋଚନା କରିଛନ୍ତି । କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ ଭାରତୀୟ ବୁଦ୍ଧିମତାର ପ୍ରୟୋଗ ନେଇ ଆଲୋଚନା ହୋଇଛି । ସବୁଜ ଶକ୍ତି, ସିକ୍ସ-ଜି ଜୈବିକ ଜାଳେଣୀ ଏବଂ ଅର୍ଥନୀତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଉଭୟନେତା ସହମତି ପ୍ରକାଶ କରିଛନ୍ତି ।

ସମିତି ଅବସରରେ ପ୍ରଧାନମନ୍ତ୍ରୀ ସର୍ବିୟା ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ବୁଚିଚାଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି । ଶିକ୍ଷା, କୃଷି, ପର୍ଯ୍ୟଟନ, ବାଣିଜ୍ୟ ଓ ପୁଞ୍ଜି ଲଗାଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସୁଦୃଢ଼ କରିବାକୁ ଉଭୟ ନେତା ସହମତ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ଇଷ୍ଟୋନିଆ ରାଷ୍ଟ୍ରପତି ଅଲାର୍ କାରିସ୍, କାଜାଖସ୍ତାନର ପ୍ରଧାନମନ୍ତ୍ରୀ ଓଲ୍‌ସାଜ ବେକ୍‌ଟେନୋଭ୍ ଏବଂ ଭୁଟାନ୍ ପ୍ରଧାନମନ୍ତ୍ରୀ ସେରିଂ ଟୋବ୍‌ଗେଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ବିଭିନ୍ନ ରାଷ୍ଟ୍ରଙ୍କ ସହ ଶ୍ରୀ ମୋଦୀ ଦାୟିତ୍ୱ ସମ୍ପନ୍ନ ଭାବେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରକୁ ଗତିଶୀଳ କରିବା ଏବଂ ନିରନ୍ତର ଭବିଷ୍ୟତ ପାଇଁ ବୈଷୟିକ ଉପଯୋଗୀ ସମାଧାନର ମାର୍ଗ ଉନ୍ମୁକ୍ତ କରିବା ନେଇ ଅଙ୍ଗୀକାର ବଦ୍ଧତା ପ୍ରକାଶ କରିଥିଲେ ।

ବିଭିନ୍ନ ରାଷ୍ଟ୍ର ମୁଖ୍ୟମାନଙ୍କ ସହ ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା, ଯୋଗାଯୋଗ ଏବଂ ଶକ୍ତି କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବିନିଯୋଗ ତଥା କୃତ୍ରିମ ବୁଦ୍ଧିମତାର ପ୍ରଭାବ ସମ୍ପର୍କିତ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି ।

## ବୈଷ୍ଣବ ଏଆଇ ସମିଟ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତର କୃତ୍ରିମ ବୁଦ୍ଧିମତା' ଇଞ୍ଜିନିୟରିଂ ନିର୍ମାଣ ପ୍ରଯୁକ୍ତିବିଦ୍ୟା ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ । ନୂଆଦିଲ୍ଲୀ ଠାରେ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ କାର୍ଯ୍ୟକ୍ରମରେ ବିଭିନ୍ନ ଶିଳ୍ପପତି, ବିଶ୍ୱ ଶ୍ରେଣୀୟ ଶିକ୍ଷାବିତ୍, ନୀତିନିର୍ଦ୍ଧାରକ ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନଙ୍କ ଦ୍ୱାରା ଆୟୋଜିତ ବୈଠକରେ ଅଧକ୍ଷତା କରି ଶ୍ରୀ ବୈଷ୍ଣବ କହିଛନ୍ତି, ବିକଶିତ ଭାରତ ରାଷ୍ଟ୍ର ଗଠନ ଦିଗରେ ଭାରତର ଯାତ୍ରା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଏକ ଭିତ୍ତିପ୍ରସ୍ତର ସ୍ତମ୍ଭ ଭଳି କାର୍ଯ୍ୟ କରିବ । ଇଞ୍ଜିନିୟରିଂ ନିର୍ମାଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ପ୍ରୟୋଗ ଦ୍ୱାରା ଭାରତରେ ଉତ୍ପାଦକତା, ପ୍ରତିଯୋଗିତାମୂଳକ ମନୋଭାବ ଏବଂ ନବସୃଜନ ଓ ଉଦ୍ୟମିତା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହୋଇପାରିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଏ.ଆଇ. ଇକୋସିଷ୍ଟମ୍ ଦ୍ୱାରା ଏମ୍.ଏସ୍.ଏମ୍.ଇ.

କ୍ଷେତ୍ରକୁ ଅଧିକ ସଶକ୍ତ କରାଯିବା ସହ ଆଗାମୀ ଭବିଷ୍ୟତ ପାଇଁ ଭାରତର କାର୍ଯ୍ୟବଳକୁ ପ୍ରସ୍ତୁତି କରାଯାଇପାରିବ । ମନ୍ତ୍ରୀ ଶ୍ରୀ ବୈଷ୍ଣବ **AI for Manufacturing, Engineering Technology (AI-MET)** ସମ୍ପର୍କିତ ଏକ ଶ୍ୱେତପତ୍ରର ଶୁଭାରମ୍ଭ କରିଥିଲେ । ଏହି ଶ୍ୱେତପତ୍ର ନିର୍ମାଣ ଏବଂ ଉତ୍ପାଦକତା, ଦୀର୍ଘସ୍ଥାୟୀ ଏବଂ ବିଶ୍ୱଶ୍ରେଣୀୟ ପ୍ରତିଯୋଗିତା ମୂଳକ ଶୃଙ୍ଖଳକୁ ବଜାୟ ରଖିବା ଦିଗରେ କାର୍ଯ୍ୟ କରିବ ବୋଲି ଦର୍ଶାଯାଇଛି ।

## ଇଣ୍ଡିଆ-ୟୁକେ

ଭାରତ ଏବଂ ବ୍ରିଟେନ୍ କୃତ୍ରିମ ବୁଦ୍ଧିମତା ଏବଂ ଭବିଷ୍ୟତ ଟେଲି ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ସୁଦୃଢ଼ କରିବା ଲାଗି ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛନ୍ତି । ନୂଆଦିଲ୍ଲୀରେ ଏ.ଆଇ. ସମ୍ମିଳନୀ ଚାଲିଥିବା ପରିପ୍ରେକ୍ଷୀରେ କେନ୍ଦ୍ର ଯୋଗାଯୋଗ ଓ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ପେମାସାନି ଚନ୍ଦ୍ରଶେଖର ଏବଂ ବ୍ରିଟେନ୍‌ର ଏ.ଆଇ. ସଂସଦୀୟ ରାଷ୍ଟ୍ର ଅନୁ-ଶାସନ ସଚିବ କନିକ୍ସ ନାରାୟଣଙ୍କ ସହ ଡାକଭବନ ଠାରେ ଆଲୋଚନା ହୋଇଥିଲା ।

## ମାକ୍ରନ୍-ନଡ୍ଡା ଏମସ୍

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀରେ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥା ପରିସରରେ ଭାରତ-ଫ୍ରାନ୍ସ କୃତ୍ରିମ ବୁଦ୍ଧିମତା ସମ୍ମିଳିତ କ୍ୟାମ୍ପସ୍‌ର ଉଦ୍‌ଘାଟନ କରିଛନ୍ତି । ଏହା ବିଶ୍ୱ ଶ୍ରେଣୀର ସ୍ୱାସ୍ଥ୍ୟ ପ୍ରଦାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଉପଯୋଗରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ । ଏହା ଉନ୍ନତ ଗବେଷଣା, ନବସୃଜନ ଏବଂ ଏ.ଆଇ. ଉପଯୋଗରେ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ, ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ତ୍ୱରାନ୍ୱିତ ଏବଂ ଆନ୍ତର୍ଜାତିକ ଭାଗିଦାରିତାର ବିକାଶ ଦିଗରେ ସହାୟକ ହେବା ନେଇ ଇଣ୍ଡୋ-ଫ୍ରେଞ୍ଚ କ୍ୟାମ୍ପସ୍‌ର ଲକ୍ଷ୍ୟ ରହିଛି ।

## ଜିତେନ୍ଦ୍ର-ନ୍ୟୁଜିଲାଣ୍ଡ ମିନିଷ୍ଟର

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀରେ ନ୍ୟୁଜିଲାଣ୍ଡର ବିଜ୍ଞାନ ମନ୍ତ୍ରୀ ଡକ୍ଟର ଶେନ୍ ରେଟିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀରେ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଚାଲିଥିବା ବେଳେ ଏହି ବୈଠକ ଗୁରୁତ୍ୱ ବହନ କରେ ।

ଆଲୋଚନାକାଳରେ ଡକ୍ଟର ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍ ଲକ୍‌ଜନ୍‌ଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଜ୍ଞାନ ଏବଂ ନବସୃଜନ ସହଯୋଗକୁ ତ୍ୱରାନ୍ୱିତ କରିଛି ଏବଂ ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଆଗେଇ ନେଇଛି । ଶ୍ରୀ ସିଂହ କହିଛନ୍ତି, ଏହି ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ଏବଂ ଅର୍ଥନୈତିକ ଓ ସାମାଜିକ ନୈତିକତା  ମୂଲ୍ୟବୋଧକୁ ତ୍ୱରାନ୍ୱିତ କରିବ । ଉଭୟ ରାଷ୍ଟ୍ର ମଧ୍ୟରେ ବାୟୋଟେକ୍ନୋଲୋଜି ଏବଂ ବାୟୋ ଇକୋନମି କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରାଯିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ । ଶ୍ରୀ ସିଂହ ବାୟୋ-ଇ-ଥ୍ରୀ ଅଭିଯାନ ଉପରେ ଗୁରୁତ୍ୱ ପ୍ରଦାନ କରି କହିଛନ୍ତି, ଏହା ପ୍ରାୟ ୧୦ ହଜାର ଷ୍ଟାର୍ଟଅପ୍ ନିର୍ମାଣ କ୍ଷେତ୍ରରେ ସହାୟକ ହେବ ।

କେନ୍ଦ୍ର ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଉଭୟ ପକ୍ଷ ମଧ୍ୟରେ ପରିବେଶ କାର୍ଯ୍ୟାନ୍ୱୟନ, ସ୍ୱଚ୍ଛ ଶକ୍ତି ଉପରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟତଃ ସବୁଜ ଉଦ୍‌ଯାନ, ଇଲେକ୍ଟ୍ରିକ୍ ମୋବିଲିଟି, ସମୁଦ୍ର ଭିତ୍ତିକ ଶକ୍ତି ଏବଂ ଭୂତାପଜ ଗବେଷଣା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ସେହିପରି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କ୍ୱାଣ୍ଟମ୍ ସେନ୍‌ସିଂ ଏବଂ ସାଇବର ଫିଜିକାଲ୍ ସିଷ୍ଟମ୍ ଉପରେ

ଆଲୋଚନା କରାଯାଇଥିଲା । ଆଲୋଚନା କାଳରେ ଭାରତର ୨୫ଟି ପ୍ରଯୁକ୍ତିବିଦ୍ୟା ନବସୃଜନ କେନ୍ଦ୍ର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

## ରୁଷିଆ-ୟୁକ୍ରେନ୍

ଜେନେଭାଠାରେ ୟୁକ୍ରେନ୍ ଏବଂ ରୁଷିଆ ମଧ୍ୟରେ ଦୀର୍ଘ ଦୁଇ ଘଣ୍ଟା ଧରି ସାକ୍ଷାତ ଆଲୋଚନା ପରେ ଶାନ୍ତି କଥାବାର୍ତ୍ତା ଶେଷ ହୋଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଡିମିର୍ ଜେଲେନେକ୍ସି କହିଛନ୍ତି, ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା କଷ୍ଟକର ଥିଲା ଏବଂ ରୁଷିଆକୁ ସମାଲୋଚନା କରି ସେ କହିଛନ୍ତି, ଦୀର୍ଘ ୪ ବର୍ଷ ଧରି ଉଭୟ ରାଷ୍ଟ୍ର ମଧ୍ୟରେ ଚାଲିଥିବା ଯୁଦ୍ଧର ସମାଧାନ ଦିଗରେ ରୁଷିଆ ବିଳମ୍ବ କରୁଛି । ସ୍ୱିଜରଲାଣ୍ଡଠାରେ ଉଭୟଙ୍କ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ଆମେରିକା ମଧ୍ୟସ୍ଥତା କରିଥିଲା ।

ଏ ଦିଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଇଥର ପଦକ୍ଷେପ ଗ୍ରହଣ କରିଥିଲେ । ଜେଲେନେକ୍ସିଙ୍କ ମତାମତ ପରେ ରୁଷିଆ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇ କୁହାଯାଇଛି, ଉଭୟଙ୍କ ମଧ୍ୟରେ ଆଲୋଚନା ଶେଷ ହୋଇଛି । ରୁଷିଆର ମୁଖ୍ୟ ମଧ୍ୟସ୍ଥତାକାରୀ ଭ୍ଲାଡିମିର୍ ମେଡିନ୍‌ସ୍କି ସାମ୍ବାଦିକମାନଙ୍କୁ ଜେନେଭାଠାରେ କହିଛନ୍ତି, ଦୁଇ ରାଷ୍ଟ୍ର

ମଧ୍ୟରେ ଖୁବ୍ ଶୀଘ୍ର ବୁଝାମଣା ହେବ କିନ୍ତୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ ।

## ଚାଇନା-ବ୍ଲାଷ୍ଟ

ଚୀନ୍‌ର ହୁବେଇ ପ୍ରଦେଶରେ ଏକ ବାଣ ଦୋକାନରେ ବିସ୍ଫୋରଣ ଘଟି ୧୨ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଦେଶରେ ନୂତନ ଚନ୍ଦ୍ରବର୍ଷ ପାଳନ ସମୟରେ ଏହା ହେଉଛି ଦ୍ୱିତୀୟ ବିସ୍ଫୋରଣ ଘଟଣା । ବିସ୍ଫୋରଣ ଯୋଗୁଁ ଜିୟାଙ୍ଗ୍‌ୟାନ୍ ସହରରେ ଅଗ୍ନିକାଣ୍ଡ ପରିସ୍ଥିତି ସୃଷ୍ଟି ହୋଇଥିଲା । ଗତ ରବିବାର ପୂର୍ବ ଜିୟାଙ୍ଗ୍‌ସୁ ପ୍ରଦେଶରେ ଏକ ବାଣ ଦୋକାନରେ ମଧ୍ୟ ଅଗ୍ନିକାଣ୍ଡ ଘଟି ୮ ଜଣ ଲୋକଙ୍କର ମୃତ୍ୟୁ ହେବା ସହ ଦୁଇ ଜଣ ଆହତ ହୋଇଥିଲେ ।

## ବୀରେନ୍ଦ୍ର କୁମାର

କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଆଜି ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ରଠାରେ ଏକ ସ୍ମରଣିକା ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଏଥିରେ ମନୋନୀତ ବିଭିନ୍ନ ସ୍ମରଣିକା, ପୁସ୍ତକ, ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ କରାଯିବ ।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହିସବୁ ସାମଗ୍ରୀ ଡକ୍ଟର ଆମ୍ବେଦକରଙ୍କ ସାମାଜିକ ନ୍ୟାୟ, ସମାନତା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ବାର୍ତ୍ତାକୁ ପ୍ରତିଫଳିତ କରିବ । ସ୍ମରଣିକା ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ କରି ଡକ୍ଟର କୁମାର କହିଛନ୍ତି, ଏହା ଭାରତର ପାରମ୍ପରିକ କାରୁକାର୍ଯ୍ୟର ସୁରକ୍ଷା ଏବଂ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା କାରିଗରମାନଙ୍କ ପାଇଁ ନୂତନ କର୍ମନିଯୁକ୍ତି ସୃଷ୍ଟି କରିବ ଏବଂ ସମାବେଶୀ ବିକାଶ ଏବଂ ସଶକ୍ତିକରଣ ଦିଗରେ ହସହାୟକ ହେବ ।

# ଟି-୨୦ ଓ୍ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ଓ ନେଦରଲ୍ୟାଣ୍ଡସ୍ ମଧ୍ୟରେ ତୃତୀୟ ମ୍ୟାଚ୍ ଜାରି ରହିଛି । ଭାରତ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୪ ଓଭରରେ ଗୋଟିଏ ଓ୍ୱିକେଟ୍ ହରାଇ ୩୫ ରନ୍ ସଂଗ୍ରହ କରିଛି ।

କଲମ୍ବୋଠାରେ ପାକିସ୍ତାନ ଓ ନାମ୍ବିବିୟା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ୧୦୨ରନ୍‌ରେ ବିଜୟ ହାସଲ କରିଛି । ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଓ୍ୱିକେଟ୍ ହରାଇ ୧୯୯ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ନାମ୍ବିବିୟା ଦଳ

୧୭ ଓଭର ୩ଟି ବଲ୍‌ରେ ସମସ୍ତ ଉ୍ୱିକେଟ୍ ହରାଇ ୯୭ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା ।

ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା’ ୟୁ.ଏ.ଇ.କୁ ଗ୍ରୁପ୍-ଡି’ର ଫାଇନାଲ୍ ମ୍ୟାଚ୍‌ରେ ୬ ଉ୍ୱିକେଟ୍‌ରେ ପରାସ୍ତ କରିଛି ।